# ନୂଆବର୍ଷରେ ମନ୍ତ୍ରୀ, ବିଧାୟକଙ୍କୁ ଗୁରୁମନ୍ତ୍ର

## କୋଭିଡ୍ ନିୟମ ପାଳନ କରିବାକୁ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

**ଭୁବନେଶ୍ୱର,୧।୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବବର୍ଷର ଅଭିନନ୍ଦନ ଜଣାଇବା ସହ ମନ୍ତ୍ରୀ, ବିଧାୟକ ଓ ଏମ୍‌ପିଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାରୁ ଯେମିତି କୌଣସି ଲୋକ ବଞ୍ଚିତ ନ ହେବେ, ସେ ଦିଗରେ ଜନପ୍ରତିନିଧି ଅଧିକ ଗୁରୁତ୍ୱ ଦେବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବିଜୁ ପକ୍କାଘର ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଳୁଥିବା ସହାୟତା ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାର ଲାଭ ଯେପରି ସାଧାରଣ ଲୋକ ପାଇବେ, ତା' ଉପରେ ବର୍ଷର ପ୍ରଥମ ଦିନରୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଜନପ୍ରତିନିଧି ଲୋକଙ୍କ ସହ ରହି ଲୋକଙ୍କ ସୁଖଦୁଃଖରେ ସାଥୀ ହେବାକୁ ସେ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀ, ବିଧାୟକ, ଏମ୍‌ପି ଏବଂ ପୋଲିସ ଅଧିକାରୀମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଛନ୍ତି। ୨୦୨୨ ଓଡ଼ିଶା ପାଇଁ ସମୃଦ୍ଧିର ବର୍ଷ ହେଉ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଭିଡିଓ ବାର୍ତ୍ତା ମାଧ୍ୟମରେ ସେ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ଓମିକ୍ରନ୍ ମୁକାବିଲା ପାଇଁ ରାଜ୍ୟବାସୀ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଏହାସହ କୋଭିଡ୍ ନିୟମ ପାଳନ କରିବାକୁ ଅନୁରୋଧ କରିଛନ୍ତି।



ନବୀନ ନିବାସରୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ମନ୍ତ୍ରୀ, ସଚିବ, ପୋଲିସ ଅଧିକାରୀ ଏବଂ ଅନ୍ୟମାନଙ୍କୁ ନୂଆବର୍ଷର ଅଭିନନ୍ଦନ ଜଣାଉଛନ୍ତି। ନିକଟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ ଦିନଦୟାଲ କେଡିଆ
ବିଶିଷ୍ଟ ସମାଜସେବୀ , ତୁଷୁରା

ଅଭିନନ୍ଦନ
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀମତୀ କଲ୍ୟାଣୀ ଦଲାଇ, ସରପଞ୍ଚ
ଶ୍ରୀଯୁକ୍ତ ବୀଣା ପଧାନ, ଇଓ
ଗାଇବାହାଲ ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ ଅମିନ ପଧାନ
ସମ୍ପାଦକ, ବଡ଼ବନ୍ଧ ଓ ବନ୍ଧପଡ଼ା ପେକ୍ସ

ଅଭିନନ୍ଦନ
ନୂତନବର୍ଷ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ ଦୟାନିଧି ଖମାରୀ(ମଣ୍ଟୁ), ସରପଞ୍ଚ, ଧଣ୍ଡାମାଲ ତଥା ସରପଞ୍ଚ ସଂଘ ସଭାପତି, ଦେଓଗାଁବ୍ଲକ
ନୃପଧର ବାଗ, ଇଓ

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ଭୋଇ
ପୂର୍ବତନ ସରପଞ୍ଚ ଓ ବିଜେଡି ଯୁବନେତା

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ ଜିତେନ୍ଦ୍ର ରାଉତ
ଶାଖା ପରିଚାଳକ, କେନ୍ଦ୍ର ସମବାୟବ୍ୟାଙ୍କ, ଦେଓଗାଁ ଶାଖା

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଜୟ ରଣା, ସରପଞ୍ଚ
ଶ୍ରୀଯୁକ୍ତ ଜନ୍ମେଜୟ ମାଝୀ, ଇଓ, ବଡ଼ବାହାଲ ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ ବିଶ୍ୱଜିତ ପାତ୍ର (ପପୁ)
ସମ୍ପାଦକ, ଜିଲ୍ଲା କଂଗ୍ରେସ କମିଟି ( ବଲାଙ୍ଗୀର)

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ରଣା
ସମ୍ପାଦକ, ଗୌରଗୋଠ ପେକ୍ସ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀମତୀ ଯାଜ୍ଞସେନୀ ରଣା
ସମିତିସଭ୍ୟା, ବଡ଼ବାହାଲ ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ ଦେବୀଦତ୍ତ ନେଗୀ
ଶାଖା ପରିଚାଳକ, କେନ୍ଦ୍ର ସମବାୟ ବ୍ୟାଙ୍କ, ଜରାସିଂହା ଶାଖା

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ବାଳକ ପଧାନ, ସରପଞ୍ଚ
ଶ୍ରୀଯୁକ୍ତ ବୀରେନ୍ଦ୍ର ନାଗ, ଇଓ, ମକୁନ୍ଦପୁର ପଞ୍ଚାୟତ

ଅଭିନନ୍ଦନ
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ ଧ୍ରୁବଲେ ରାଉତ, ସରପଞ୍ଚ
ଶ୍ରୀଯୁକ୍ତ ଅରୁଣ ନାଗ, ଇଓ
ବଡ଼ବନ୍ଧ ପଞ୍ଚାୟତ

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀମତୀ କବିତା ବିଶି, ସରପଞ୍ଚ
ଶ୍ରୀଯୁକ୍ତ ବୀରେନ୍ଦ୍ର ଛତ୍ରିଆ, ଇଓ, ସିକୁଆଁ ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ ଚତୁର୍ଭୁଜ ସା
ସମ୍ପାଦକ, ମହଲାଇ ଓ ଉପରଝର ପେକ୍ସ

ଅଭିନନ୍ଦନ
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଭଗବତୀ ନାଗ, ସରପଞ୍ଚ
ବୈକୁଣ୍ଠ ମାଝୀ, ଇଓ
ଅର୍ଜୁନପୁର ଗ୍ରାମପଞ୍ଚାୟତ

ଅଭିନନ୍ଦନ
ନୂତନବର୍ଷ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ ଗୌର ଚନ୍ଦନ, ସରପଞ୍ଚ
ଶ୍ରୀଯୁକ୍ତ ସୂର୍ଯ୍ୟମଣି ମେହେର, ଇଓ
ରାମଚନ୍ଦ୍ରପୁର ପଞ୍ଚାୟତ

ଅଭିନନ୍ଦନ
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ କାହ୍ନୁ ଚରଣ ମେହେର, ସରପଞ୍ଚ
ଶ୍ରୀଯୁକ୍ତ ଶରତ ମହାନନ୍ଦ, ଇଓ
ଉତାର ପଞ୍ଚାୟତ

ଅଭିନନ୍ଦନ
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ ବଡ଼ ପଧାନ, ସରପଞ୍ଚ
ଶ୍ରୀଯୁକ୍ତ ଗୋପାଳ ଷଡ଼ଙ୍ଗୀ, ଇଓ
କୁତୁର୍ଲା ପଞ୍ଚାୟତ

ନୂତନ ବର୍ଷ ୨୦୨୨
ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀଯୁକ୍ତ ବୃନ୍ଦାବନ ନାଏକ
ସମ୍ପାଦକ, ଅର୍ଜୁନପୁର ପେକ୍ସ

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଜିତେନ୍ଦ୍ର ନାଗ
ସମ୍ପାଦକ, କୁତୁର୍ଲା ପେକ୍ସ

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀମତୀ କୁମୋଦିନୀ ବାଗ, ସରପଞ୍ଚ
ଶ୍ରୀଯୁକ୍ତ ବୀରେନ୍ଦ୍ର ଛତ୍ରିଆ, ଇଓ, ସାରସମାଲ ପଞ୍ଚାୟତ

ନବବର୍ଷ ଶୁଭେଚ୍ଛା-୨୦୨୨
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ।
ଶ୍ରୀଯୁକ୍ତ ଭଗବାନ ଗଡ଼ତ୍ୟା
ସମ୍ପାଦକ, ଧଣ୍ଡାମାଲ ଓ ରାମଚନ୍ଦ୍ରପୁର ପେକ୍ସ

ଅଭିନନ୍ଦନ
ନୂତନବର୍ଷ ୨୦୨୨ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେବା ସହ କରୋନାମୁକ୍ତ ଦେଶ ହେଉ ।
ଶ୍ରୀମତୀ କୁମୁଦିନୀ ସେଠ, ସରପଞ୍ଚ
ଶ୍ରୀଯୁକ୍ତ ରମେଶ ବାଗ, ଇଓ
ବନ୍ଧପଡ଼ା ଗ୍ରାମପଞ୍ଚାୟତ

# ୫.୮୯ ଆଇଟିଆର୍ ଫାଇଲ

ନୂଆଦିଲ୍ଲୀ,୧।୧: ଭାରତର ବିକାଶ ପାଇଁ ଦେଶବାସୀ ଧୀରେ ଧୀରେ ଆଗଭର ହେଉଛନ୍ତି। ଫଳସ୍ୱରୂପ ୨୦୨୦-୨୧ ଆର୍ଥିକ (ମାର୍ଚ୍ଚ ୨୦୨୧ ଶେଷ ହୋଇଥିବା) ବର୍ଷ ପାଇଁ ମୋଟ ୫.୮୯ କୋଟିର ଆୟକର ରିଟର୍ନ (ଆଇଟିଆର୍) ଫାଇଲ କରାଯାଇଛି। ବିଭାଗର ନୂତନ ଇ-ଫାଇଲ୍ ପୋର୍ଟାଲରେ ସ୍ପଷ୍ଟ କରାଯାଇଛି ଯେ ୨୦୨୧ ଡିସେମ୍ବର ୩୧ସୁଦ୍ଧା ଏହା ଦାଖଲ କରାଯାଇଛି। ଶନିବାର ଏ ନେଇ ଆଇଟି ବିଭାଗ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ଏଥିମଧ୍ୟରୁ କେବଳ ଡିସେମ୍ବର ୩୧ରେ ୪୬.୧୧ଲକ୍ଷରୁ ଅଧିକ ଆଇଟିଆର୍ ଦାଖଲ କରାଯାଇଛି ବୋଲି ସୂଚନା ମିଳିଛି। ସେହିଭଳି କେନ୍ଦ୍ରୀୟ ଟିକସ ବୋର୍ଡ (ସିବିଡିଟି) ଏକ ବିବୃତିରେ କହିଛି, ଆୟକର ବିଭାଗର ନୂତନ ଇ-ଫାଇଲ୍ ପୋର୍ଟାଲରେ ପ୍ରାୟ ୫.୮୯ କୋଟିର ଆୟକର ରିଟର୍ନ ଫାଇଲ କରାଯାଇଛି।

# ଡିସେମ୍ବରରେ ଏମ୍ଏସ୍ଆଇର ୧୫୩୧୪୯ ୟୁନିଟ୍ ଗାଡ଼ି ବିକ୍ରି

ନୂଆଦିଲ୍ଲୀ,୧।୧




ଦେଶର ପ୍ରମୁଖ କାର୍ ନିର୍ମାଣକାରୀ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ (ଏମ୍ଏସ୍ଆଇ) ପକ୍ଷରୁ ଡିସେମ୍ବର ମାସ ଗାଡ଼ି ବିକ୍ରି ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଶନିବାର ୨୦୨୧ ଡିସେମ୍ବରରେ ମୋଟ ହୋଲ୍‌ସେଲ୍‌ରେ ୧,୫୩,୧୪୯ ୟୁନିଟ ଗାଡ଼ି ବିକ୍ରି କରାଯାଇଛି। ଏହା ଗତ ବର୍ଷର ବିକ୍ରି ତୁଳନାରେ ୪% ହ୍ରାସ ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୦୨୦ ଏହି ସମୟରେ କମ୍ପାନୀ ୧,୬୦,୨୨୬ ୟୁନିଟ୍ ବିକ୍ରି କରିଥିଲା। ସେହିଭଳି ୨୦୨୧ ଡିସେମ୍ବରରେ କମ୍ପାନୀର ଘରୋଇ ବିକ୍ରି ୧୩% ହ୍ରାସ ପାଇ ୧,୩୦,୮୬୯ ୟୁନିଟ୍ ରହିଛି। ୨୦୨୦ ଡିସେମ୍ବରରେ କମ୍ପାନୀ ୧,୫୦,୨୮୮ ୟୁନିଟ୍ ବିକ୍ରି କରିଥିଲା ବୋଲି ରିପୋର୍ଟରେ କୁହାଯାଇଛି।

ଅପରପକ୍ଷରେ ଇଲେକ୍ଟ୍ରୋନିକ୍ ଉପାଦାନଗୁଡ଼ିକର ଅଭାବ ଯୋଗୁ ଡିସେମ୍ବରରେ ଯାନବାହନ ଉତ୍ପାଦନ ଉପରେ ସାମାନ୍ୟ ପ୍ରଭାବ ପକାଇଥିଲା। ଏହି ଅଭାବ ମୁଖ୍ୟତଃ ଘରୋଇ ବଜାରରେ ବିକ୍ରି ହେଉଥିବା ଗାଡ଼ିର ଉତ୍ପାଦନକୁ ପ୍ରଭାବିତ କରିଥିଲା ବୋଲି ଏମ୍ଏସ୍ଆଇ ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବକୁ କମ୍ କରିବାକୁ କମ୍ପାନୀ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି କମ୍ପାନୀର ଅଲ୍ଟୋ ଏବଂ ଏସ୍-ପ୍ରେସୋକୁ ନେଇ ମିନି କାର୍‌ର ବିକ୍ରି ମଧ୍ୟ ୩୫% ହ୍ରାସ ପାଇ ୧୬,୩୨୦ ୟୁନିଟରେ ରହିଛି। ୨୦୨୦ର ଏହି ସମୟରେ କମ୍ପାନୀ ୨୪,୯୨୭ ୟୁନିଟ ଗାଡ଼ି ବିକ୍ରି କରିଥିଲା।

ଏହି ଅବସରରେ ସ୍ୱିଫ୍ଟ, ସେଲିରିଓ, ଇଗ୍ନିସ୍, ବାଲେନୋ ଏବଂ ଡିଜେୟାର ଭଳି ମଡେଲ ସମେତ କମ୍ପାକ୍ଟ ସେଗ୍‌ମେଣ୍ଟର ବିକ୍ରି ଡିସେମ୍ବର ୨୦୨୦ରେ ୭୭,୬୪୧ କାର୍ ତୁଳନାରେ ୧୧% ହ୍ରାସ ପାଇ ୬୯,୩୪୫ ୟୁନିଟରେ ପହଞ୍ଚିଛି। ୨୦୨୦ ଡିସେମ୍ବରରେ ୧,୨୭୦ ୟୁନିଟ୍ ତୁଳନାରେ ମଧ୍ୟମ ଆକାରର ସେଡାନ୍ ସିଆଜ୍ ବିକ୍ରି ୧,୨୦୪ ୟୁନିଟକୁ ହ୍ରାସ ପାଇଛି। ଭିଟାରା ବ୍ରେଜ୍ଜା, ଏସ୍-କ୍ରସ୍ ଏବଂ ଏର୍ଟିଗା ସମେତ ଅନ୍ୟ ୟୁଟିଲିଟି ଗାଡ଼ି ବିକ୍ରି ୫% ବୃଦ୍ଧି ପାଇ ୨୬,୯୮୨ ୟୁନିଟରେ ପହଞ୍ଚିଛି।

# ରେକର୍ଡ କାରବାରରେ ବର୍ଷ ଶେଷ କରିଛି ୟୁପିଆଇ

ନୂଆଦିଲ୍ଲୀ,୧।୧: ଦେଶର ପ୍ରମୁଖ ଡିଜିଟାଲ ପେମେଣ୍ଟ ସଂସ୍ଥା ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ରେକର୍ଡ ପରିମାଣର କାରବାର ସହିତ କ୍ୟାଲେଣ୍ଡର ବର୍ଷ ୨୦୨୧କୁ ଶେଷ କରିଛି। ବିଶେଷକରି ଉଭୟ ଭଲ୍ୟୁମ୍ ଏବଂ ମୂଲ୍ୟ ସର୍ତ୍ତାବଳୀରେ ପୁନଃ ସଂଯୋଗ ରହିଛି। ନ୍ୟାଶନାଲ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୟୁପିଆଇରେ ମୋଟ ୮.୨୭ ଟ୍ରିଲିୟନ ମୂଲ୍ୟର ୪.୫୬ ବିଲିୟନ କାରବାର କରାଯାଇଛି। ନଭେମ୍ବରରେ ଏକ ମାର୍ଜିନାଲ ଡିପ୍ ରିପୋର୍ଟ ହେବା ପରେ ମଧ୍ୟ ଏହାର କାରବାର ଡିସେମ୍ବରରେ ବାଉନ୍ସ ହୋଇଗଲା। ଏହି ସମୟର କାରବାର ପରିମାଣ ମାସକୁ ମାସ ଆଧାରରେ ୯.୦୯% ଏବଂ କାରବାରର ମୂଲ୍ୟ ୭.୬୦% ବୃଦ୍ଧି ପାଇଥିଲା। ଏହାର ଏକ ବର୍ଷ ଆଧାର(ଡିସେମ୍ବର)ରେ କାରବାରର ପରିମାଣ ଦ୍ୱିଗୁଣିତ ହୋଇଥିବା ବେଳେ କାରବାରର ମୂଲ୍ୟ ୯୯% ଅଭିବୃଦ୍ଧି ହୋଇଥିବା ରିପୋର୍ଟ ପ୍ରକାଶ କରାଯାଇଛି।






# କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ଉପରେ ଡିଜିଜିଆଇର ଚଢ଼ାଉ

ନୂଆଦିଲ୍ଲୀ,୧।୧



ଭାରତରେ ନିଷିଦ୍ଧ ହୋଇଥିବା କ୍ରିପ୍ଟୋ ମୁଦ୍ରାକୁ ବେଆଇନ ଭାବେ କାରବାର କରୁଥିବା ସଂସ୍ଥା ଉପରେ ଶନିବାର ଜିଏସ୍‌ଟି ଇଣ୍ଟେଲିଜେନ୍ସ ମହାନିର୍ଦ୍ଦେଶାଳୟ (ଡିଜିଜିଆଇ) ପକ୍ଷରୁ ଚଢ଼ାଉ କରାଯାଇଛି। କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ କରୁଥିବା ସଂସ୍ଥା ୱାଜିର ଏକ୍ସ ବିପୁଳ ପରିମାଣରେ ଟିକସ ଠକେଇ କରୁଥିବା ନେଇ ଡିଜିଜିଆଇ ଜାଣିବାକୁ ପାଇଥିଲା। ଏ ନେଇ ଡିଜିଜିଆଇ ଦେଶରେ ସଞ୍ଚାଳିତ ଏହି ଏକ୍ସଚେଞ୍ଜ ସଂସ୍ଥାଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଶେଷ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, କ୍ରିପ୍ଟୋକରେନ୍ସି ସେବା ପ୍ରଦାନକାରୀଙ୍କ ପାଖାପାଖି ୬ଟି କାର୍ଯ୍ୟାଳୟ ଉପରେ ତଦନ୍ତକାରୀ ସଂସ୍ଥା ଚଢ଼ାଉ କରିଛି। ଏଥିରେ ଏକ ବଡ଼ ଧରଣର ଜିଏସ୍‌ଟି ଠକେଇ ହୋଇଥିବା ଜଣାପଡ଼ିଛି। କ୍ରିପ୍ଟୋ ୱାଲେଟ୍ ଏବଂ ଏକ୍ସଚେଞ୍ଜ ପ୍ଲାଟ୍‌ଫର୍ମ ଜରିଆରେ ବ୍ୟବସାୟୀ ଏବଂ ଗ୍ରାହକ ବିଟ୍‌କଏନ୍, ଏଥିରିୟମ୍, ରିପଲ୍ ଭଳି ଡିଜିଟାଲ ମୁଦ୍ରାର ନେଣଦେଣ କରିଥାନ୍ତି। ସରକାରୀ ସୂତ୍ରରୁ ଆହୁରି ମଧ୍ୟ ଜଣାପଡ଼ିଛି, ଏହି କମ୍ପାନୀଗୁଡିକ କ୍ରିପ୍ଟୋ ମୁଦ୍ରା କିଣିବା ଏବଂ ବିକ୍ରୟ ପାଇଁ ମଧ୍ୟସ୍ଥ ସେବା ଯୋଗାଇଥାନ୍ତି। ଏହି ସେବାଗୁଡିକ ଉପରେ ୧୮% ହାରରେ ଜିଏସ୍‌ଟି ଲାଗୁ ହୋଇଥାଏ। ଏହାକୁ ଉକ୍ତ ବ୍ୟବସାୟୀମାନେ ଫାଙ୍କି ଆସୁଥିଲେ ବୋଲି କୁହାଯାଇଛି। ଏହି ସେବା ପ୍ରଦାନକାରୀମାନେ ବିଟ୍‌କଏନ୍ ଏକ୍ସଚେଞ୍ଜ ସହ ଜଡିତ ହେବା ପାଇଁ କମିଶନ ଚାର୍ଜ କରୁଥିଲେ, କିନ୍ତୁ ଜିଏସ୍‌ଟି ଦେଉ ନ ଥିଲେ। ଫଳରେ ଏହି କାରବାରକୁ ନେଇ ଡିଜିଜିଆଇ ପୂର୍ବରୁ ସଜାଗଥିଲା ଏବଂ ସମୟ ଦେଖି ସେମାନଙ୍କ ଉପରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ପ୍ରାୟ ୭୦ କୋଟି ଟଙ୍କାର ଟ୍ୟାକ୍ସ ଠକେଇ ହୋଇଥିବା ସୂଚନା ମିଳିଛି।

# ହ୍ରାସ ପାଇଲା କମର୍ସିଆଲ ଗ୍ୟାସ୍ ଦର

ଭୁବନେଶ୍ୱର,୧।୧

ନୂତନ ବର୍ଷ ଆରମ୍ଭରୁ ଉପଭୋକ୍ତାଙ୍କ ପାଇଁ ଭଲ ଖବର ଇନ୍ଧନ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଦିଆଯାଇଛି। ୧୯ କିଲୋ ବିଶିଷ୍ଟ କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ଉପରେ ୧୦୨.୫୦ ଟଙ୍କା ହ୍ରାସ କରାଯାଇଛି। ଫଳରେ କମ୍ପାନୀ ପକ୍ଷରୁ ହ୍ରାସ କରାଯାଇଥିବା ଦର ୨୦୨୨ ଜାନୁୟାରୀ ୧ ଠାରୁ ଲାଗୁ ହେବ ବୋଲି ସୂଚନା ମିଳିଛି। ଏହି ଦର ହ୍ରାସ ଯୋଗୁ ଦିଲ୍ଲୀରେ ୧୯ କିଲୋ ବିଶିଷ୍ଟ କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୧୯୯୮.୫୦ ଟଙ୍କାରେ ବିକ୍ରି ହେବ ବୋଲି ଜଣାପଡ଼ିଛି। ଗତ ଡିସେମ୍ବର ୧ରେ ୧୯ କିଲୋ ସିଲିଣ୍ଡର ମୂଲ୍ୟ ୧୦୦ ଟଙ୍କା ବୃଦ୍ଧି କରାଯାଇଥିଲା। ପୂର୍ବରୁ ଦିଲ୍ଲୀରେ ଏହାର ଦର ୨,୧୦୧ ଟଙ୍କା ରହିଥିଲା। ସେହିଭଳି ଭୁବନେଶ୍ୱରରେ ମଧ୍ୟ ଏହି ସିଲିଣ୍ଡର ଉପରେ ୧୦୧.୫୦ ଟଙ୍କା ହ୍ରାସ ହୋଇ ୨୧୦୧.୫୦ ଟଙ୍କାରେ ରହିଛି। ଅପରପକ୍ଷରେ ଘରୋଇ ବ୍ୟବହାର ପାଇଁ ଥିବା ୧୪.୨ କିଲୋ, ୫ କିଲୋ ଏବଂ ୧୦ କିଲୋର ସିଲିଣ୍ଡର ମୂଲ୍ୟ ପୂର୍ବପରି ସ୍ଥିର ରହିଛି।












# ୧୬ ଦିନ ବନ୍ଦ ରହିବ ବ୍ୟାଙ୍କ

ଭୁବନେଶ୍ୱର,୧।୧: ୨୦୨୨ ଜାନୁୟାରୀରେ ମୋଟ ୧୬ ଦିନ ବ୍ୟାଙ୍କ ବନ୍ଦ ରହିବ ବୋଲି ସୂଚନା ମିଳିଛି। ଏହି ଦିନଗୁଡ଼ିକ ମଧ୍ୟରୁ ମାସକର ସମସ୍ତ ରବିବାର ଓ ୨ୟ ଏବଂ ୪ର୍ଥ ଶନିବାର ସହ ବିଭିନ୍ନ ରାଜ୍ୟର ପର୍ବପର୍ବାଣି ଛୁଟି ତାଲିକାରେ ଅନ୍ତର୍ଭୁକ୍ତ ରହିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଜାରି ବ୍ୟାଙ୍କିଙ୍ଗ୍ ସେବା ଦିବସ ଓ ସୂଚୀରେ ଏହା ପ୍ରକାଶ କରାଯାଇଛି। ତେବେ ଚଳିତ ମାସ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପର୍ବ ପାଇଁ ବ୍ୟାଙ୍କ ଛୁଟି ରହିବ। ସେହିଭଳି ରାଜ୍ୟ ଅନୁଯାୟୀ ଛୁଟି ଅଲଗା ହେବ ବୋଲି ଆର୍‌ବିଆଇ ପକ୍ଷରୁ ଜାରି ଛୁଟି ତାଲିକାରୁ ସୂଚନା ମିଳିଛି।








































